କୁନ୍ତୀଙ୍କ ସହ ପଣ୍ଡୁଙ୍କର ବିବାହ
ଯମୁନା ଜଳେ ଯେ ପୁତ୍ରକୁ ପକାଇ
କୋଇନ୍ତା ଦେବୀ ଗଲେ ବିଷାଦ ପୂର୍ଣ୍ଣ ହୋଇ । ୧ ।
ଶରୀର ସମ୍ଭାଳି ତହୁଂ ଗଲେ ଦେବୀ କୋନ୍ତେ
ଅନ୍ତେଶ୍ୱରେ ପ୍ରବେଶ ହୋଇଲେ ଭୋଜର ଦୁହିତେ । ୨ ।
ଦୁର୍ବାସାଙ୍କର କଲ୍ୟାଣ ଯେ ପ୍ରତକ୍ଷେ ହୋଇଲା
କୁନ୍ତଭୋଜ ନୃପତିର ତିନିପୁତ୍ର ଉପୁଜିଲା । ୩ ।
କର୍ଣ୍ଣଭୋଜ, ବୀରଭୋଜ, ଆବର ମୁକୁନ୍ଦଭୋଜ
ୟେମନ୍ତେ ଉପୁଜିଲେ ରାଜାର ତିନି ଯେ ଆତ୍ମଜ । ୪ ।
ବଳବନ୍ତ ସୁନ୍ଦର ସେ ଅଟନ୍ତି ଜଗଜିଣା
ବିଦ୍ୟାରେ କୁଶଳ ହୋଇଲେ ସେ କୁନ୍ତଭୋଜର ଦୁଲଣା । ୫ ।
କାର୍ତ୍ତିକମାସ ଶୁକଳପକ୍ଷ ବୁଧବାର ଯେ ପୂର୍ଣ୍ଣମୀ Oriya frestival at Ganga
ଆକାମାବଇ ସ୍ନାହାନ ଦିନ ଗଙ୍ଗାକୁ ଗଲେ କୁନ୍ତଭୋଜ ସ୍ୱାମୀ । ୬ । horoscope aakamaabai
ସେହି ଗଙ୍ଗା ସ୍ନାହାନକୁ ଭୀଷ୍ମେ ଯେ ଅଇଲେ
କୁନ୍ତଭୋଜ ରାଜା ତୁଲେ ମଇତ୍ର ହୋଇଲେ । ୭ ।
ଦୁଇ ଲୋକଙ୍କର ହୋଇଲା ରୋହିଣୀ ବୃଷ ରାଶି horoscope
ମଇତ୍ର ଯୋଗ ହୋଇଲେ ସେ ଗଙ୍ଗାକୂଳେ ବସି । ୮ ।
ପଣ୍ଡୁ କୁମର ଯାଇଅଛି ଯେ ଭୀଷ୍ମଙ୍କର ତୁଲେ
କୁମାରୀମାନଙ୍କର ତୁଲେ କୋଇନ୍ତାୟେ ଯାଇଥିଲେ । ୯ ।
ପଣ୍ଡୁ ବସିଲେ ଯାଇ ଭୀଷ୍ମଙ୍କର କୋଳେ
କୋଇନ୍ତାୟେ ବସିଛନ୍ତି କୁନ୍ତଭୋଜର ଜାନୁରେ । ୧୦ ।
ୟେହେନ୍ନେକ ସରୂପ ଦେଖିଲେ ସତ୍ୟବତୀ
କୁନ୍ତଭୋଜକୁ ପଚାରିଲେ କି ୟେ ତୋହୋର ଦୋହିତୀ । ୧୧ ।
ୟେ ଦୋହିତା ବୋଲି ବୋଇଲେ କୁନ୍ତଭୋଜ ରାୟେ
ପ୍ରଣପତ୍ୟ ହୋଇଲେ ଯାଇଂ ସତ୍ୟବତୀଙ୍କର ପାୟେ । ୧୨ ।
ପାରେଶ୍ୱର ବୋଇଲେ ତୁ ଶୁଣ ନରନାଥ
ଆମ୍ଭ ପୁତ୍ର ପଣ୍ଡୁକଇଂ ପ୍ରଦାନ କର ତୁ ତୋହୋର ଦୋହିତ । ୧୩ ।
ଶୁଣିଣ କୁନ୍ତଭୋଜ ସାନନ୍ଦ ହୋଇଲା
ଦେବଇ ଦୋହିତା ବୋଲି ସତ୍ୟ ଉଚ୍ଚାରିଲା । ୧୪
ସେଇ ତୀର୍ଥସ୍ଥାନେ ସେ ଉତ୍ସବ କରାଇଲା
ବିଭାର ଶୁଭଯୋଗ ଲଗ୍ନ ବେଳ ଧଇଲା । ୧୫ । horoscope engagement of Pandu
କାଶ୍ୟପ ଗୋତ୍ର ସେ କୁନ୍ତଭୋଜ ନରପତି
ସୋମବଂଶ ଗୋତ୍ରେ ଯେ ବିଚିତ୍ରବୀର୍ଯ୍ୟର ସନ୍ତତି । ୧୬ ।
ଓହୋକୁଳ ଗୋତ୍ର ଉଚ୍ଚାରଣ କଲେ ସତ୍ୟବାକି
ବିଭା ଶୁଭଯୋଗ କରାବନ୍ତି ପୁରୋହିତ ଉଦ୍ଦାଳକି । ୧୭ ।

---------

୧୨ ।୧ ଦୁହିତା ପୁତ୍ର ଘେନି କୁନ୍ତଭୋଜ ରାୟେ ।
୧୭ ।୧ ଓହୋକୁଳ-ଉଭୟ କୁଳ । ବାକି-ବାକ୍ୟ ।

ଶୁଭେଣ ପ୍ରଦାନ ଯେ ହୋଇଲା କୁମାରୀ
ପଦ୍ମେକ ରଥ ଯଉତୁକ ଦିଲେକ ଦଣ୍ଡଧାରୀ । ୧୮ । number
ବେନି ପଦ୍ମ ଗଜ ଯେ ଚାରି ପଦ୍ମ ହୟେ
ଦ୍ୱାଦଶ ଯୋଜନ ପୃଥୀ ରାଜା ଯଉତୁକ ଦିୟେ । ୧୯ । ସଂଖ୍ୟା area

ପାଞ୍ଚଲକ୍ଷ ପାଟଛତ୍ର ଆଲମ୍ବ ଯେକଲକ୍ଷ ଅନେକ ବାଦ୍ୟ
ଯଉତୁକ ଦିଲା ରାଜା ପରମ ସାନନ୍ଦ । ୨୦ ।
ଶତେ ପଦ୍ମ ଗୋଧନ ଦିଲାକ ନୃପମଣି so many cattle ପଦ୍ମ=ଲକ୍ଷ କୋଟି,
ଚଉବିଂଶ ଧନ ଭଣ୍ଡାର ଦାନ ଦିଲାକ ଆଣି । ୨୧ ।
ଭୀଷ୍ମେ ବୋଇଲେ ଶାୟେଂତନୁକୁ ଅତି ବିନୟେ କରି
ଅପୁତ୍ରିକ ଦୋଷୁଂ ମୁଂ ନୋହିବି ଦଣ୍ଡଧାରୀ । ୨୨ ।
ଭୂରିଶ୍ରବାୟେ ତ ନ ପଶିବେ ରାଜ୍ୟପଦେ
ଧୃତରାଷ୍ଟ୍ର ନାଶଗଲେ ସେ ହେଲେ ଚକ୍ଷୁ ଅନ୍ଧେ । ୨୩ ।
ବିଦୁର ବିଚକ୍ଷଣ ସେ ଅଟଇ ଅନ୍ୟ ଜାତି
ପଣ୍ଡୁଙ୍କୁ କରାଇବା କି ପଞ୍ଚୁ କଟକେ ଚକ୍ରବ୍ରତୀ । ୨୪ ।
ପାରେଶ୍ୱର ବୋଇଲେ ତୁ ସତ କି ମିଛ କହୁ
ପଣ୍ଡୁଙ୍କୁ ରାଜପଦ ଦିଲେ ତୁ ନିକି ଅମରିଷ ବହୁ । ୨୫ ।
ଭୀଷ୍ମେ ବୋଇଲେ ମୋର ଚିତ୍ତେ ଆନ ନାହିଂ
ସତ୍ୟ ସତ୍ୟ ବାକ୍ୟେ ଦୃଢ ବ୍ରତ କଲି ମୁହିଂ । ୨୬ ।
ପାରେଶ୍ୱର ଶାୟେଂତନୁ ଶୁଣି ପରମ ସାନନ୍ଦ ହୋଇଲେ
ରାଜ୍ୟେଣ ଅବିଷେକ ପଣ୍ଡୁଙ୍କୁ କରାଇଲେ । ୨୭ । Pandu crowned

-----------

୨୦ ।୧ ପାଟଛତ୍ର ଯେକଲକ୍ଷ ଆଲମ୍ବ ଯେମାନ ହାଦେ ।
ଆଠ ସହସ୍ର ଆଲମ୍ବ ଯେ ଯେକଲକ୍ଷ ବାଦ୍ୟେ । (ପା) ସଂ
୨୨ ।୨ ଅପୁତ୍ରିକ ଅପାଟତ ଦେବ ଦଣ୍ଡଧାରୀ ।
୨୩ ଭୂରିଶ୍ରବାୟେ ନ ପଶିଲେ ରାଜ୍ୟ ଧର୍ମେ ।
ଧୃତରାଷ୍ଟ୍ର ନାଶ ଗଲେ ଅନ୍ଧର କରମେ । ।
ଭୂରିଶ୍ରବାୟେ ନ ପଶିବେ ରାଜା ଯୋଗେ ।
ଧୃତରାଷ୍ଟ୍ର ନାଶ ଗଲେ ଅନ୍ଧମନ୍ଦ ଲାଗେ । (ପା)
୨୬ ।୨ ସତ୍ୟ ସତ୍ୟ ବାକ୍ୟ ତ୍ରିବାର ସତ୍ୟ କଲି ମୁହିଂ । (ପା)
୨୫ ।୨ ଅମରିଷ-ଅମର୍ଷ (କ୍ରୋଧ-କ୍ଷମାର ଅଭାବ, ଈର୍ଷା)

ବ୍ୟାସେ ବଶିଷ୍ଠେ ମାରକଣ୍ଡେ ଆଦି କରି
ପୂର୍ଣ୍ଣ ଅର୍ଘ୍ୟ ଦିଲେ ସମସ୍ତ ତପଚାରୀ । ୨୮ ।
ଅନେକ ଯାଗ ଯଗ୍ୟ କଲେ ପୂର୍ଣ୍ଣ ଯେ ଆହୁତି
କୋଟିୟେ ତୀର୍ଥ ଘେନି ପୁଷ୍କର କ୍ଷେତ୍ର ଆଧିପତି । ୨୯ ।
ଅବିଷେକ କଲେ କନେଇ ପଣ୍ଡୁ କୁମରର ଶିରେ
ଜୟ ଜୟ ବାଣୀ ଯେ ଶୁଭିଲା ତିନି ପୁରେ । ୩୦ ।
ବିଭା ଅବିଷେକ କଲେ କଳପବଟ ତଳେ
ନରେନ୍ଦ୍ର ପଦ ଦିଲେ ପଣ୍ଡୁଙ୍କୁ ଶୁଭବେଳେ । ୩୧ ।
ସମଦଣ୍ଡ ଘେନିଣ ଚଳନ୍ତି ନିଜ ଦେଶେ
ପୁରଜନମାନେ ଯେ ଅନେକ ହରଷେ । ୩୨ ।
କାଶୀ ଦେଶର ରାଜା ନାମ କାଶୀଶ୍ୱର
ଅନୁମତି ନାମେଣ ଥିଲା ଦୋହିତା ତାହାର । ୩୩ ।
ବିଦୁରକୁ ପ୍ରଦାନ କରାଇଲେ ଅନୁମତି ଯୁବତୀ
ସେ କାଶୀଶ୍ୱର ରାଜା ଯେ ଅଟଇ ବୈଶ୍ୟ ଜାତି । ୩୪ । intercaste marriage qv Gita
ଅନ୍ଧ ପଣ୍ଡୁ ବିଦୁର ହୋଇଲେ ତିନିଭ୍ରାଥେ
ପଣ୍ଡୁ ରାଜା ପଦେ ବସିଲେ ଧର୍ମ ଅର୍ଥେ । ୩୫ ।
ଶୁଣ ବଇବସୁତ ମନୁ ବଦନ୍ତି ଅଗସ୍ତି

ତ୍ରୈଲୋକ୍ୟେ ବିଦିତ ହୋଇଲା ସେ ପଣ୍ଡୁ ନରପତି । ୩୬ ।
ଧାର୍ମିକ ବିବେକ ଦୟାଳୁ ସେ ପଣ୍ଡୁ ମହାରାଜା
ଦାନେ ଶୂରବନ୍ତା ସେ ଦେବ ବିପ୍ରେ ବଡ ପୂଜା । ୩୭ ।
ହବିର୍ଭାଗ ଦିଅଇ ରାଜା ଅନୁବ୍ରତେଣ ଆହୁତି
ନିଯୋଗ ଭିଆଣ ରାଜଯୋଗ କରୁଥାଇ ନିତି । ୩୮ ।
ଭୀଷ୍ମେ ବିଦ୍ୟା ଗୁରୁ ହୋଇଲେ ପଣ୍ଡୁଙ୍କୁ
ଅନେକ ବିଦ୍ୟା ଯେ ଶିଖାଇଲେ ତାହାଙ୍କୁ । ୩୯ ।

--------------

୩୩ ।୨  ଉଦନମହୀ ବୋଲି ଦୋହିତା ତାହାର ।
(ମହନମହୀ, ଉନ୍ମୀଳିତା, ଉଦାନବତୀ, ପୁଣ୍ୟାବତୀ ବୋଲି ଦୁହିତାର ନାମ-କରଣ ପୋଥି ବିଶେଷରେ ଦେଖାଯାଏ)
୩୭ ।୨  ଦାନେଣ ସାଚା ସେ ବିଦୁଜନେ ପୂଜା ।
୯ ।୨  ଆଧିପତି-ଅଧିପତି
୩୧ ।୧  ଅବିଷେକ-ଅଭିଷେକ

ଶାହାସ୍ତ୍ର ବିଦ୍ୟା ଉତ୍ତମ ଧନୁସାର ବିଦ୍ୟା
ମାଲବିନ୍ଧା ବିଡମ୍ବଣ ପଦମନ୍ତ୍ର ସିଦ୍ଧା । ୪୦ ।
ୟେମନ୍ତେ ମହାଭିଗ୍ୟ କ୍ଷତ୍ରୀବର ଅଟଇ
ବୁଦ୍ଧିବନ୍ତେ ବଳବନ୍ତେ ଅଷ୍ଟାଦଶ ବୟେଂଶ ଖଟଇ । ୪୧ ।
ଗୁଣବନ୍ତ ଭାଗ୍ୟବନ୍ତ ପଣ୍ଡିତ କ୍ଷତ୍ରି ମହାଯୋଧୀ
ସତ୍ୟ ବିବାଦୀ ନୋହଇ ସମସ୍ତ କଳା ସାଧି । ୪୨ ।
ସୂର୍ଯ୍ୟବଂଶ ରାଜା ରତ୍ନୁପନ୍ନ ନୃପତି
ପଣ୍ଡୁ ରାଜାକୁ ଖଟଇ ସେ ଅନୁବ୍ରତୀ । ୪୩ ।
ଗଙ୍ଗା ବଶିଂକ ରାଜା ଭୀଷ୍ମ ମହାରଥୀ
ଆଗିଆଣି ଥାଠେ ସେ ଚଳଇ ପ୍ରତିଗ୍ୟାଂ ସାମରଥା । ୪୪ ।
ହଇହୟ ବଂଶ ରାଜା ରୁଦ୍ରଦେବ ମହାମଲ୍ଲ
ତିରିଶ ଲକ୍ଷ ଯୋଦ୍ଧା ଘେନି ଖଟଇ ପଣ୍ଡୁ ନୃପତିର ତୁଲ । ୪୫ । number 30
ଅନ୍ଧେକ ଦେଶର ରାଜା ଅଟଇ ବିରୂପାକ୍ଷ
ତାହାଣ ପଖାୟେ ଖଟନ୍ତି କ୍ଷତ୍ରୀ ନବଲକ୍ଷ । ୪୬ । ସଂଖ୍ୟା 9
ଭୋଜବଂଶର ନୃପତି ବିଷ୍ଣୁ ଭୋଜସେନ
ପଞ୍ଚୁଲକ୍ଷ ଯୋଦ୍ଧା ଘେନି ଖଟଇ ପଣ୍ଡୁରାଜାର ସନ୍ନିଧାନ । ୪୭ । 5
ବ୍ରହ୍ମ ଦେଶର ଠାକୁର ମଦନସେନ ବ୍ରହ୍ମ
ସମଦଣ୍ଡ ଘେନି ଖଟଇ ସେ ମହା ସମ୍ଭୃରେଣ । ୪୮ ।
ରୁଦ୍ର ବଂଶର ରାଜା ଭଇରବ ନୃପତି
ସେହି ପଣ୍ଡୁଙ୍କୁ ଖଟଇ ପରମ ସାନନ୍ଦ ମତି । ୪୯ ।
କାକୁସ୍ଥ ବଂଶର ନୃପତି ଇନ୍ଦ୍ରପାଦ
ସେହି ଖଟଇ ନୃପତି ସୋମବଂଶ ନରେନ୍ଦ୍ର । ୫୦ ।

----------

୪୧ ।୨  ବୁଦ୍ଧିବନ୍ତେ ବଳବନ୍ତେ ଅଷ୍ଟାଦଶ କ୍ଷଉଣୀ ଅଟଇ । (ପା) ସଂ
୪୨ ।୨  ହତ୍ୟା ବିବାଦୀ ନୋହଇଂ ସମସ୍ତଙ୍କୁ ସାଧି । (ପା)
୪୫ ।୧  ହରିହର-ଅନେକ ପୋଥିରେ ।
୪୬ ।୧  ଅନ୍ଧେକ ବଂଶରେ ଯେ ରାଜା ବିରୂପାକ୍ଷ । (ପା)
୪୮ ।୨  ଖଟିଥାଇ ପଣ୍ଡୁ ନୃପତି ସନ୍ନିଧାନ । (ପା)
୪୧ ।୨  ବୟେଂଶ-ବଂଶ
୪୮ ।୨  ସମ୍ଭୃରେଣ-ସମ୍ଭୃର୍ବେଣ, ଆଡମ୍ବରରେ

ନବ ଦୀପେ ସପତ ସାଗରେ ଯେତେ ରାଜା
ସୋମବଂଶ ନୃପତିଙ୍କି ସମସ୍ତେ କରନ୍ତି ପାଦ ପୂଜା । ୫୧ ।
ଯେମନ୍ତେ ପଣ୍ଡୁଙ୍କୁ ଖଟନ୍ତି ଅଷ୍ଟାଦଶ ବଂଶ
ସ୍ୱର୍ଗ ତୁଲ୍ୟ ସେ ବାରୁଣାବନ୍ତ ଦେଶ । ୫୨ ।
ଅନେକ ସମୃରେ ସେ ଖଟନ୍ତି ମହାରାଜେ
ଅନେକ ସନ୍ୟ ଘେନି ମଧ୍ୟ ସ୍ୱର୍ଗେ ବିଜେ । ୫୩ ।
ପାରେଶ୍ୱର ଶାୟେନ୍ତନୁ ଗାଧି ଜମଦଗ୍ନି
ଯେହାନ୍ତ ସେବା କରଇ ସେ ଶୁଭ ଅନକୂଳ ଘେନି । ୫୪ ।
ଯେହାଙ୍କର ପୁତ୍ରେ ଯେ ବ୍ୟାସେ ବିଶ୍ୱାମିତ୍ରେ
ପ୍ରଶୁରାମ ଭୀଷ୍ମେ ଅଟନ୍ତି ଚାରିଭ୍ରାଥେ । ୫୫ ।
ଯେହାନ୍ତ ଆରାଧନା କରନ୍ତି ନୃପ ପଣ୍ଡୁ
ସମସ୍ତେହେଂ ବାଞ୍ଛା କରନ୍ତି ପଣ୍ଡୁର ଆପାଦ ଖଣ୍ଡୁ । ୫୬ ।
ସପତ ଦୀପା ପୃଥୀରେ ଥାପିଲେ ପାରିଦଣ୍ଡ
ଶବଦ ଭେଦୀ ଶର ପେଷନ୍ତେ ପୃଥିବୀ ନବଖଣ୍ଡ । ୫୭ ।
ଜମ୍ବୋଦୀପ ବାରରାଷ୍ଟ୍ର ଛତିଶ ମଣ୍ଡଳେ
ପାଶେକ ପାରିଦଣ୍ଡ ଯେ ଖଟନ୍ତି ସର୍ବ କାଳେ । ୫୮ ।
ଧୃତରାଷ୍ଟ ରହିଲେ ହସ୍ତିନା ଭୁବନେ
ଭୂରିଶ୍ରବାଙ୍କୁ ବସାଇଲେ ଇନ୍ଦ୍ରପ୍ରଶସ୍ତ ସ୍ଥାନେ । ୫୯ ।
ଭୀଷ୍ମେ ବସିଲେ ଯେ ଯମପ୍ରଶସ୍ଥ ସ୍ଥାନ ମାଡି
ଜଇନ୍ତା ରାଜ୍ୟେ ପଣ୍ଡୁରାଜା ବସିଲେ ବାରୁଣାବନ୍ତେ ବିଦୁରଙ୍କୁ ଛାଡି । ୬୦ ।
ଦେଖ ହୋ ପଣ୍ଡୁ ରାଜାର ଭାଗ୍ୟବନ୍ତ ପଣ
ସୋଦର ସମ୍ଭାଳି ଦିଗ ବିଜୟେ କରଇ ଆପଣ । ୬୧ ।
ଧ୍ୱଂସଇ ରିପୁ ଦର୍ପ ରଖଇ ତପୀଜନ
ଦଇତ ଦାନବର ଉପଦର୍ପ ନାହିଂ ତ୍ରିଭୁବନ । ୬୨ ।
ମାଢମୂଳ କରି ଯେ ଯଯାତି ଭିଆଇଲେ
ମାଢକ ବାଟିକରି ପଣ୍ଡୁରାୟେ ସିରିଜିଲେ । ୬୩ ।
ବାଟିୟେ ଯେ ଚଷଇ ପଉଟିୟେ ଦିଅଇ ସଞ୍ଜା land revenue pauti for a bati
ଦ୍ୱାଦଶ ଫଳ ଅରଜି ସୁଖେଣ ଦିନ ଖଟନ୍ତି ପରାଜ । ୬୪ । ସଂଖ୍ୟା
ଅନେକ ଧନ ଧାନ୍ୟ ସ- ଦ ଅଚଳି
ସାଧୁ ସାଧୁ ଧୁନି ସମସ୍ତେ ହେଂ ପଣ୍ଡୁଙ୍କୁହିଂ ବୋଲି । ୬୫-୧୫୫୯ ।

----------

୫୬ ।୨ ଯେହାଙ୍କର ପ୍ରସନ୍ନେ ସମସ୍ତ ବିଘ୍ନଖଣ୍ଡୁ । (ପା)
୫୮ ।୨ ସନ୍ନିଧ୍ୟେ ପାରିଦଣ୍ଡ ଖଟନ୍ତି ସର୍ବକାଳେ । (ପା)
୬୨ ।୨ ଦତ୍ୟ ଦାନବଙ୍କର ଭୟ ନାହିଂ ତୀର୍ଥସ୍ଥାନ । (ପା)
୫୧ ।୧ ଦୀପ-ଦ୍ୱୀପ
୫୬ ।୨ ଆପାଦ-ଆପଦ
୫୮ ।୨ ପାଶେକ-ପାଖରେ
୬୫ ଅଚଳ ଧନ ଧାନ୍ୟ ସଂପଦ ଅଚଳନ୍ତି ।
ସାଧୁ ସାଧୁ ଧୁନି ସମସ୍ତେ ପଣ୍ଡଙ୍କୁ ବୋଲନ୍ତି । (ପା)
୬୩ ।୨ ସିରିଜିଲେ-ସୃଜିଲେ
୬୫ ।୧ ଅଚଳି-ସ୍ଥିର

*************